ଧରିତ୍ରୀ
DHARITRI
April 26-May 2, 2020 ₹ 2/-

ଛୁଟିଦିନ

# କଲମ ହେଲା କାଳ



ଲେଖକ ତା'ର କଲମ ମୁନରେ ସତ୍ୟ ପ୍ରକାଶ କରି ସମାଜକୁ ସୁମାର୍ଗକୁ ଆଣିବାର ପ୍ରୟାସ କରିଥାଏ। ମାତ୍ର ବେଳେବେଳେ ସମାଜ ତା'ର ସତ୍ୟକୁ ସହଜରେ ସ୍ୱୀକାର କରିପାରେନା। ଫଳରେ ଲେଖକର କଲମ ତା' ପାଇଁ ପାଲଟିଯାଏ କାଳ.....

୩
ପ୍ରଚ୍ଛଦ ପ୍ରସଙ୍ଗ




ସିନେମା
୫

ବ୍ୟାକ୍ ପେଜ
୮



# ମିଷ୍ଟର ପି

ଚିତ୍ରରେ ପ୍ରଦର୍ଶୀତ ଏହି ବୟସ୍କ ବ୍ୟକ୍ତିଜଣକ ହେଉଛନ୍ତି ଇଟାଲୀର ଜଣେ ବରିଷ୍ଠ ନାଗରିକ। ତାଙ୍କର ନାମ ମିଷ୍ଟର ପି। ତାଙ୍କୁ ଏବେ ୧୦୧ବର୍ଷ। ସମ୍ପ୍ରତି କରୋନା କବଳିତ ଇଟାଲୀରେ ଚାଲିଛି ତାଙ୍କରି ଚର୍ଚ୍ଚା। ଚର୍ଚ୍ଚାର କାରଣ ହେଉଛି ସେ କରୋନାକୁ ନେଇ ଭବିଷ୍ୟତବାଣୀ କରୁଥିବା ଡାକ୍ତରମାନଙ୍କର ସମସ୍ତ ଆଶଙ୍କାକୁ ପଣ୍ଡ କରିଦେଇଛନ୍ତି। ଡାକ୍ତରମାନେ



ଘୋଷଣା କରିଥିଲେ ଯେ, ବୟସ୍କ ଲୋକମାନେ କରୋନା କବଳରୁ ବର୍ତ୍ତିବା ସମ୍ଭବ ନୁହେଁ। ମାତ୍ର ମିଷ୍ଟର ପି. କରୋନା ପଜିଟିଭ୍ ହୋଇ ବି ସୁସ୍ଥ ହୋଇ ଫେରିଛନ୍ତି। ତେବେ ମିଷ୍ଟର ପି.ଙ୍କ ସମ୍ପର୍କରେ ଏହା ଏକମାତ୍ର ସୂଚନା ନୁହେଁ। ମିଷ୍ଟର ପି.ଙ୍କ ଜନ୍ମ ୧୯୧୯ ମସିହାରେ। ସେ ଦୁଇଦୁଇଟି ମହା ଭୟଙ୍କର ବିପର୍ଯ୍ୟୟକୁ ସାମ୍ନା କରି ସଫଳତାର ସହିତ ଜୀବନ ବଞ୍ଚେଇ ପାରିଛନ୍ତି। ପ୍ରଥମ ଘଟଣାଟି ହେଉଛି ଭୟଙ୍କର ସ୍ପାନିଶ୍ ଫ୍ଲୁ। ସ୍ପାନିଶ ଫ୍ଲୁରେ କେବଳ ଇଟାଲୀରେ ୬ ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ। ମାତ୍ର ସ୍ପାନିଶ୍ ଫ୍ଲୁ ତାଙ୍କର କୌଣସି କ୍ଷତି କରିପାରି ନଥିଲା। ସେହିଭଳି ତାଙ୍କ ଜୀବନରେ ଘଟିଥିବା ଆଉ ଏକ ବଡ଼ ଘଟଣା ହେଉଛି ଦ୍ୱିତୀୟ ବିଶ୍ୱଯୁଦ୍ଧ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ମଧ୍ୟ ଇଟାଲୀର ଦୁଇଲକ୍ଷ ଲୋକଙ୍କର ପ୍ରାଣହାନୀ ଘଟିଥିଲା। ମାତ୍ର ବର୍ତ୍ତି ଯାଇଥିଲେ ମିଷ୍ଟର ପି.। ଏବେ ପୁଣି ବର୍ତ୍ତି ଯାଇଛନ୍ତି କରୋନା କବଳରୁ। ତିନି ତିନୋଟି ମହା ବିପର୍ଯ୍ୟୟକୁ ଏଡ଼େଇ ଦେଇଥିବାରୁ ମିଷ୍ଟର ପି. ଏବେ ଜଣେ ସତସତିକା ସେଲିବ୍ରିଟି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଏପ୍ରିଲ ୨୭-ମେ ୨

**ମେଷ**
କାମ ହୋଇଯିବ, ଟଙ୍କା ପାଇବେ, ସହାୟତା ମିଳିବ, ବନ୍ଧୁଙ୍କ ପରାମର୍ଶ, କାରବାରରେ ଉନ୍ନତି, ଲୋକସମ୍ପର୍କ ବୃଦ୍ଧି, ନିଷ୍ପତ୍ତିରେ ପରିବର୍ତ୍ତନ, ଶାରୀରିକ ସୁସ୍ଥତା, ଶତ୍ରୁ ଉପଦ୍ରବ ହ୍ରାସ, ଟେନ୍‌ସନ ବଢ଼ିବ, ନୂତନ ସମ୍ପର୍କ ଯୋଡିବେ।

**ବୃଷ**
ଚେଷ୍ଟା ନିଷ୍ଫଳ ହେବନି, ବ୍ୟବସାୟିକ ଅସୁବିଧା ନାହିଁ, ପଡୋଶୀ କଳହ କରିବେ, ଅତିଥି ସେବାର ସୁଯୋଗ, ସୌଖୀନ ଦ୍ରବ୍ୟ କ୍ରୟ, ଭ୍ରାତୃ ବିବାଦ, ପଡୋଶୀଙ୍କ ଚକ୍ଷୁଶୂଳ, ବ୍ୟୟ ବୃଦ୍ଧି, ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ।

**ମିଥୁନ**
କର୍ମକ୍ଷେତ୍ରରେ ସମସ୍ୟା, ନିଷ୍ପତ୍ତି ବଦଳେଇବେ, ସ୍ୱାସ୍ଥ୍ୟରେ ଉନ୍ନତି, ଘଟଣାର ସମୀକ୍ଷା, ଭ୍ରମଣହେତୁକ କ୍ଲାନ୍ତି, ଦୂରଯାତ୍ରାରେ ସମସ୍ୟା, ପାରିବାରିକ ସୌଖ୍ୟ, ବ୍ୟବସାୟିକ ସଫଳତା।

**କର୍କଟ**
ମାନସିକ ସୁସ୍ଥତା, କାମ ସ୍ଥଗିତ ରହିଯିବ, ଭୁଲ୍‌କାମରୁ ଅନୁତାପ, ଅର୍ଥଲାଭ ଅବଶ୍ୟମ୍ଭାବୀ, ଦ୍ରବ୍ୟନଷ୍ଟରୁ କ୍ଷୋଭ, ଖର୍ଚ୍ଚାନ୍ତ ହେବେ, ଅନିଦ୍ରା ପୀଡା, କାମରେ ବିଳମ୍ବ, ଶୁଭ ଖବର ପ୍ରାପ୍ତି, ସହକର୍ମୀଙ୍କ ସହଯୋଗ, କରଜ କରିବେ ।

**ସିଂହ**
ସୁସ୍ୱାଦୁ ଭୋଜନ, ବିଚଳିତ ମନ, ଅଶୌଚ ଖବର, ଅନ୍ୟମନସ୍କତା, ଅଭିଯୋଗ ଆସିପାରେ, ଶ୍ରମଜନିତ କ୍ଲାନ୍ତି, ସଙ୍ଗୀତରେ ରୁଚି, ଆଧ୍ୟାତ୍ମିକ ଆଲୋଚନା, ଧାର କରିପାରନ୍ତି, ନିଷ୍ପତ୍ତିରେ ତ୍ରୁଟି ରହିଯିବ।

**କନ୍ୟା**
ମିତ୍ରତା ବଢ଼ିବ, ଅଭାବ ରହିବନି, ପ୍ରଶାସନିକ ଆଲୋଚନା, ପାରିବାରିକ ମନାନ୍ତର, ବନ୍ଧୁଙ୍କ ସନ୍ଦେହ ଭାବ, ଉପକାର ପାଇବେ, ପ୍ରବାସୀଙ୍କ ଚିନ୍ତା, ଆମୋଦ ପ୍ରମୋଦର ମଉକା ।

**ତୁଳା**
ଦୂରଯାତ୍ରାରେ ବାଧା, କାର୍ଯ୍ୟହାନିରୁ ମନସ୍ତାପ, ଶତ୍ରୁତାର ପୂର୍ଣ୍ଣଚ୍ଛେଦ, ବ୍ୟବସାୟିକ ଉନ୍ନତି, ସମସ୍ୟା ସୁଧୁରିଯିବ, ଦ୍ରବ୍ୟଲାଭରୁ ଆନନ୍ଦ, ବନ୍ଧୁବର୍ଗଙ୍କ ସହାନୁଭୂତି, ପ୍ରକାଶନରେ ସମସ୍ୟା, ଆଇନ ସହାୟତା ଲାଭ।

**ବିଛା**
କାର୍ଯ୍ୟସିଦ୍ଧି, ବ୍ୟୟବୃଦ୍ଧି, ନୂତନ ସମ୍ପର୍କ, ଘରୋଇ ଆଲୋଚନା, ଧର୍ମକାର୍ଯ୍ୟର ପ୍ରସ୍ତୁତି, ଭ୍ରାତୃପ୍ରୀତି, ନିର୍ମାଣ କାର୍ଯ୍ୟରେ ବିଳମ୍ବ, ଅପ୍ରିୟ ସତ୍ୟରୁ କଳହ, ଯାନ୍ତ୍ରିକ ତ୍ରୁଟିରୁ ସମସ୍ୟା, କର୍ମକ୍ଷେତ୍ରରେ ବିଶୃଙ୍ଖଳା, ମଧ୍ୟସ୍ଥତାରୁ ସମାଲୋଚନା।

**ଧନୁ**
ପରିବାରରେ ଅନାଦର, ଆୟ ହ୍ରାସହେବ, ସାମାଜିକ ସମ୍ମାନ, ନିଯୁକ୍ତି ଖବର, ଦୁର୍ଭାବନା ବୃଦ୍ଧି, ଆନମନା ହେବେ, ଆର୍ଥିକ ଦୁରବସ୍ଥା, ଶାନ୍ତି ବ୍ୟାହତ ହେବ, ବିସ୍ମୟକର ଖବର, ପାରିଶ୍ରମିକରୁ କ୍ଷୋଭ, ପଡୋଶୀଙ୍କ କ୍ରୋଧ ।


**ମକର**
ବନ୍ଧୁଙ୍କ ସହମତି, ପାରିବାରିକ ମତଭେଦ, ଟେନ୍‌ସନ ବଢ଼ିବ, ଅତିଥି ଚର୍ଚ୍ଚା, ଦୂରଦର୍ଶନରେ ରୁଚି, ଅପବ୍ୟୟରୁ ମନସ୍ତାପ, ଅର୍ଥସଙ୍କଟ ଟଳିବ, ନୀଚଜନ ସମ୍ପର୍କ, ବନ୍ଧନମୁକ୍ତ ହେବେ, ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ, ଈଶ୍ୱରାନୁରାଗ।

**କୁମ୍ଭ**
ଅବହେଳାରୁ କାର୍ଯ୍ୟହାନି, ସହକର୍ମୀଙ୍କ ପ୍ରତାରଣା, ବ୍ୟବସାୟରେ ପ୍ରତିଯୋଗିତା, କାର୍ଯ୍ୟଦକ୍ଷତାରୁ ସୁନାମ, ଅସାବଧାନତାରୁ ଦ୍ରବ୍ୟନଷ୍ଟ, ପାରିବାରିକ ଅସ୍ଥିରତା, ପ୍ରିୟଜନଙ୍କ ବିଚ୍ଛେଦ, ମାମଲାର ଫଇସଲା।

**ମୀନ**
ସାମାଜିକ ପ୍ରତିଷ୍ଠା, ଆନୁଷ୍ଠାନିକ କାର୍ଯ୍ୟ, କର୍ମଜଞ୍ଜାଳ ବୃଦ୍ଧି, ବୃତ୍ତି ବାଣିଜ୍ୟରେ ବାଧା, ଚାକିରିରେ ସମ୍ମାନ ଲାଭ, ଆତ୍ମୀୟଙ୍କ ଅଭିମାନ, ଯୋଜନା ଅଟକିବ, ଦ୍ୱନ୍ଦ୍ୱର ଅବସାନ, ଆତ୍ମତୃପ୍ତିରୁ ଆନନ୍ଦ, ଆର୍ଥିକ ଉନ୍ନତି, ଗବେଷଣାରେ ଉନ୍ନତି, ନୂତନ ବନ୍ଧୁସମ୍ପର୍କ।

# ଝାଳ ନୁହେଁ; ଦେହରୁ ଝରୁଛି ରକ୍ତ

ବର୍ତ୍ତମାନ ପରିସ୍ଥିତିରେ ନିଜକୁ ଫିଟ୍ ରଖିବା ପାଇଁ ଲୋକମାନେ ନାନାଦି ଉପାୟ ଅବଲମ୍ବନ କରୁଛନ୍ତି। କିଏ ଯୋଗ କରୁଛି ତ କିଏ ଜିମ୍ ଯାଉଛି। କସରତ କରୁଛି। ଆଉ ଏକଥା ସମସ୍ତେ ଜାଣନ୍ତି ଯେ, କସରତ କରିବା ମାତ୍ରେ ଆମ ଶରୀରରୁ ଝାଳ ନିର୍ଗତ ହୋଇଥାଏ। ହେଲେ ଯଦି ଏକଥା କୁହାଯାଏ ଯେ, ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ କସରତ କଲେ ସେମାନଙ୍କ ଶରୀରରୁ ଝାଳ ନୁହେଁ; ରକ୍ତ ଝରିଥାଏ। ହଁ, ଏହା ସତ୍ୟ। ତେବେ ଏଥିରେ କୌଣସି ଆଶ୍ଚର୍ଯ୍ୟ ହେବାର ନାହିଁ। ମେଡ଼ିକାଲ୍ ବିଜ୍ଞାନରେ ଏହା ହେଉଛି ଏକ ବିସ୍ମୟ ତଥା ଅତି ବିରଳ ଘଟଣା। ପ୍ରାୟ ଏକ ଲକ୍ଷ ବା ତା'ଠୁ ଅଧିକ ଲୋକଙ୍କ ମଧ୍ୟରେ କେବେ କେମିତି ଏମିତି ଜଣେଜଣେ ଦେଖିବାକୁ ମିଳନ୍ତି। ଏହା ହେଉଛି ଏକ ପ୍ରକାର ରୋଗ; ଯାହାକୁ 'ବ୍ଲଡ୍ ସ୍ୱେଟିଂ' ବୋଲି କୁହାଯାଇଥାଏ। ଏହା ଏକ ବିରଳ



ତଥା ମାରାତ୍ମକ ରୋଗ। ଏଥିରେ ପୀଡ଼ିତ ବ୍ୟକ୍ତିଙ୍କୁ ପରିଶ୍ରମ କରିବାକୁ ବାରଣ କରାଯାଇଥାଏ।

## ପାଠକୀୟ

■ ପ୍ରଚ୍ଛଦ ପ୍ରସଙ୍ଗ 'ପ୍ରତିଷେଧକ' ଖୁବ୍ ସୁନ୍ଦର ଲାଗିଲା। ଏହା ଏକ ତଥ୍ୟଭିତ୍ତିକ ଶିକ୍ଷଣୀୟ ବିଷୟ। ସୃଷ୍ଟି ଆରମ୍ଭରୁ ରୋଗ ଅଛି। ଆଉ ରୋଗ ବିରୋଧରେ ମଣିଷର ସଂଗ୍ରାମ ମଧ୍ୟ ଜାରି ରହିଛି। ରୋଗରୁ ରକ୍ଷା ପାଇବା ଲାଗି ମଣିଷ ସବୁବେଳେ କିଛି ନା କିଛି ବିକଳ୍ପ ଖୋଜି ବାହାର କରିଛି। ସେଥିଲାଗି ବଡ଼ବଡ଼ ମହାମାରୀରୁ ବି ମଣିଷର ସଭ୍ୟତା ତିଷ୍ଠି ରହିଛି। ବାସ୍ତବିକ ଏହା ଏକ ମନଛୁଆଁ ଆଲେଖ୍ୟ। – *ନିରୁପମା ବେହେରା, ଖଲ୍ଲିକୋଟ, ଗଞ୍ଜାମ*

■ ରାଶିଫଳ ପୃଷ୍ଠାଟି ଭଲ ହେଉଛି। 'ଟ୍ରକ୍ ଗାର୍ଡେନ୍' ଏକ ମଜାଦାର ଟପିକ୍। ସତରେ ଜାପାନୀମାନେ ବହୁ ବିଚିତ୍ରକଥା ଚିନ୍ତା କରିପାରନ୍ତି। ସେହିଭଳି 'ସୁନ୍ଦର ଦାନ୍ତ, ସୁନ୍ଦର ବ୍ୟକ୍ତିତ୍ୱ' ଲେଖାଟି ମଧ୍ୟ ମନକୁ ଛୁଇଁଲା। ଦାନ୍ତ ହେଉଛି ଶାରୀରିକ ସୌନ୍ଦର୍ଯ୍ୟର ଏକ ପ୍ରମୁଖ ଉପାଦାନ। ଏହା ପୁଣି ବ୍ୟକ୍ତିତ୍ୱ ସହିତ ସମ୍ପର୍କିତ ଜାଣି ଖୁସି ଲାଗିଲା।
– *ସଂକେତ ପ୍ରିୟଦର୍ଶନ ନନ୍ଦ, ବାହାନଗା, ବାଲେଶ୍ୱର*

■ ସୃଜନ ପୃଷ୍ଠାରେ ପ୍ରକାଶିତ ମଣିରାମ ଜେନାଙ୍କ ରଚିତ 'କରୋନା' ଗପଟି ବେଶ୍ ଭଲ ହୋଇଛି। ଗପର ବାର୍ତ୍ତାଟି ଅତି ଶକ୍ତିଶାଳୀ। ଏକ ଦୁଃସ୍ୱପ୍ନ ଦେଖୁଥିବା ବ୍ୟକ୍ତି ଶେଷରେ ନିଜକୁ ସାନ୍ତ୍ୱନା ଦେଇ କହିଛନ୍ତି ଯେ, ସଚେତନ ହେଲେ ହିଁ ଜୀବନ ରହିବ। ସେହିଭଳି ପ୍ରଦୀପ ନାୟକଙ୍କ କବିତା 'କରୋନା' ଏବଂ ଲିପ୍‌ସା ପଟେଲ୍‌ଙ୍କ କବିତା 'ବିଶ୍ୱରୂପୀ' ମଧ୍ୟ ବେଶ୍ ଉଚ୍ଚକୋଟୀର।
– *ଈପ୍ସିତା ନାୟକ, ଭୁବନେଶ୍ୱର*

■ ପୂର୍ବ ଇସ୍ୟୁଗୁଡ଼ିକ ପରି ଏଥରର ସିନେମା ପୃଷ୍ଠାଟି ମଧ୍ୟ ରମଣୀୟ ହୋଇଛି। ରଣବୀର ଓ ଦୀପିକା ହେଉଛନ୍ତି ବଲିଉଡ୍‌ର ହିଟ୍ ଯୋଡ଼ି। ସେମାନଙ୍କ ଦାମ୍ପତ୍ୟ ଜୀବନ ଯେ ଏତେ ମଧୁର ସେକଥା ଜାଣି ଖୁସି ହେଲି। ସେହିଭଳି ଦକ୍ଷିଣୀ ଅଭିନେତ୍ରୀ ତାପସୀ ଏବେ ଆସି ବଲିଉଡ୍‌ରେ ରାଜ କଲେଣି। ଓଡ଼ିଆ ଅଭିନେତ୍ରୀ ଅମ୍ରିତାଙ୍କ ବିଷୟରେ କିଛି କଥା ଜାଣିହେଲା। ସେ ଜଣେ ଭଲ ଅଭିନେତ୍ରୀ ମଧ୍ୟ। ମୋଟାମୋଟି ପୃଷ୍ଠାଟି ଭଲ ହୋଇଛି। – *ରଞ୍ଜନ କୁମାର ଦାସ, ଅନୁଗୋଳ*

■ 'ସହରଠୁ ଦୂର'ରେ ପଢ଼ିଲି 'ନାରାୟଣ ସରୋବର ଅଭୟାରଣ୍ୟ'। ଏହି ବନ୍ୟପ୍ରାଣୀ ଅଭୟାରଣ୍ୟଟି ବିଶେଷକରି ଚିଙ୍କାରାଙ୍କ ପାଇଁ ସ୍ୱର୍ଗ ସହିତ ସମାନ। ଏହାର ପ୍ରାକୃତିକ ଶୋଭା ମଧ୍ୟ ମନୋମୁଗ୍ଧକର। ପୁଣି ଏଠାରେ ବହୁ ବିରଳ ପ୍ରାଣୀ ଦେଖିବାକୁ ମିଳୁଥିବା ଜାଣି ସେଠାକୁ ଥରୁଟିଏ ବୁଲିଯିବାକୁ ଇଚ୍ଛା ହେଉଛି।
– *ପଲ୍ଲବୀ ମିଶ୍ର, ରାନ୍ଦିଆ, ଭଦ୍ରକ*

■ ମଡେଲ ପୃଷ୍ଠାରେ ସ୍ଥାନ ପାଇଥିବା 'କାଜଲ'ଙ୍କ ଫଟୋଟି ମନଛୁଆଁ। ବିଶେଷକରି ତାଙ୍କର ଆଖିଦୁଇଟି ଭାରି କଥାକୁହା। ହାଃ ହାଃର ହସକଥାଗୁଡ଼ିକ ଧୁମ୍ ହସାଉଛି। ଏଭଳି ନୂଆ ନୂଆ ହସକଥା ପରଷି ଦେଉଥିବାରୁ ଛୁଟିଦିନକୁ ଢେରସାରା ବଧେଇ।
– *କମଳଲୋଚନ ବିଶ୍ୱାଳ, ଭୁବନେଶ୍ୱର*

## ବିଶେଷ ଚିଠି



ଆସିଗଲେ ଛୁଟିଦିନ/ପଢ଼ିବସେ ଦେଇ ଧ୍ୟାନ।
ଦେଖିଲେ ପୁଲକ ଜାଗେ/ରଙ୍ଗିନ ରଙ୍ଗିନ ଲାଗେ।
ପ୍ରଚ୍ଛଦ ପ୍ରସଙ୍ଗ ମାନ/ଜିଣିନିଏ ମୋର ମନ।
କବିତା, ଗପ ଓ କଥା/ହରିନିଏ ମନୁ ବ୍ୟଥା।
ସିନେମା ପୃଷ୍ଠାଟି ଦେଖି/ଆଖିଯାଉଥାଏ ଲାଖି।
ହାଃ ହାଃ ପୃଷ୍ଠା ପଢ଼ି/ହସି ହସି ଯାଏ ଗଡ଼ି।
–ଦେବେନ୍ଦ୍ର ରାଉଳ
ଜୁଣଗଡି, ରାଜନଗର, କେନ୍ଦ୍ରାପଡା

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# କଲମ ହେଲା କାଳ



ଲେଖକ ତା'ର କଲମ ମୁନରେ ସତ୍ୟ ପ୍ରକାଶ କରି ସମାଜକୁ ସୁମାର୍ଗକୁ ଆଣିବାର ପ୍ରୟାସ କରିଥାଏ। ମାତ୍ର ବେଳେବେଳେ ସମାଜ ତା'ର ସତ୍ୟକୁ ସହଜରେ ସ୍ୱୀକାର କରିପାରେନା। ଫଳରେ ଲେଖକର କଲମ ତା' ପାଇଁ ପାଲଟିଯାଏ କାଳ.....

ଇଂଲିଶରେ ଗୋଟିଏ କଥାଅଛି : writing seems like a pretty safe job. ଏହାକୁ ଓଡ଼ିଆରେ କହିଲେ ଏମିତି ହେବ ଯେ, ଲେଖିବା ହେଉଛି ଏକ ନିରାପଦ କାର୍ଯ୍ୟ। କାରଣ ଲେଖକଟିଏ ସବୁଦିଗରୁ ବିପଦମୁକ୍ତ। ଟେବୁଲ୍ ବା କମ୍ପ୍ୟୁଟର କି' ବୋର୍ଡ଼ ସାମ୍ନାରେ ବସିଲା। ମନକୁ ଯାହା ଆସିଲା ଲେଖିଲା। ଏଥିରେ ତା' ପ୍ରତି ବିପଦ ଆସିବ କେଉଁଠୁ ? ମାତ୍ର ବିଶ୍ୱ ଇତିହାସ ତା'ର ଜୀବନ୍ତ ପୃଷ୍ଠା ସବୁରେ ଏମିତି ତଥ୍ୟ ସାଇତି ରଖିଛି, ଯାହାକୁ ପଢ଼ିବା ମାତ୍ରେ ଉପରୋକ୍ତ ଧାରଣା ଚୁଟ୍‌କିରେ ଭୁଲ୍ ବୋଲି ପ୍ରମାଣିତ ହୋଇଯାଏ। ଲେଖକର ଯଦି ସବୁଠାରୁ କେହି ବଡ଼ଶତ୍ରୁ ଥାଏ ତା'ହେଲେ ତାହା ହେଉଛି ସମାଜ। ସାଧାରଣ ଲୋକମାନେ ଯେଉଁ ସମାଜକୁ ଖୁବ୍ ସହଜରେ ଗ୍ରହଣ କରିନିଅନ୍ତି ଗୋଟିଏ ଲେଖକ ତାହାକୁ ଗ୍ରହଣ କରିପାରେନା। ସମାଜର ଯାବତୀୟ ଅନ୍ଧବିଶ୍ୱାସ, ଭ୍ରାନ୍ତ ଚିନ୍ତାଧାରା, ରାଷ୍ଟ୍ରନାୟକର ଅପଗୁଣ ତାକୁ ଜଳଜଳ କରି ଦେଖାଯାଏ। ଆଉ ସେ ତାହାକୁ ତା'ର କଲମ ମୁନର କଞ୍ଚାମାଲ୍ କରେ। ଫଳ ହୁଏ ଏଇଆ, ଲେଖକଟିକୁ ଅନେକ ସମୟରେ ମୃତ୍ୟୁ ଭଳି ଯନ୍ତ୍ରଣା ଭୋଗିବାକୁ ପଡ଼ିଥାଏ। କେବଳ ମୃତ୍ୟୁ ଭଳି ଯନ୍ତ୍ରଣା ନୁହେଁ; ଅଧିକାଂଶ କ୍ଷେତ୍ରରେ ମୃତ୍ୟୁବରଣ ମଧ୍ୟ କରିବାକୁ ହୋଇଥାଏ।

**ସକ୍ରେଟିସ୍ :** ବିଶ୍ୱ ଇତିହାସରେ ସକ୍ରେଟିସ୍ ଏକ ବହୁ ଉଚ୍ଚାରିତ ନାମ। ସେ ଥିଲେ ଜଣେ ଦାର୍ଶନିକ। ତାଙ୍କର ସଂସ୍କାରମୂଳକ ସନ୍ଦେଶକୁ ନେଇ ଅନେକ ଗ୍ରନ୍ଥ ରଚନା କରିଛନ୍ତି ତାଙ୍କର ଅତି ପ୍ରିୟ ଶିଷ୍ୟ ପ୍ଲାଟୋ। ସକ୍ରେଟିସ୍‌ଙ୍କ ସମୟର ଏଥେନ୍ସ ଥିଲା ବହୁ କୁସଂସ୍କାର ତଥା ଅନ୍ଧବିଶ୍ୱାସରେ ପରିପୂର୍ଣ୍ଣ। ମାତ୍ର ସକ୍ରେଟିସ୍ ସେସବୁକୁ ଗ୍ରହଣ କରିପାରି ନ ଥିଲେ। ସମାଜ ବିରୋଧରେ, ତତ୍କାଳର ଶାସକଙ୍କ ବିରୋଧରେ ସେ ଦୃଢ଼ ଭାବରେ ସ୍ୱର ଉତ୍ତୋଳନ କରିଥିଲେ। ଫଳ ହୋଇଥିଲା ଏଇଆ ଯେ, ସକ୍ରେଟିସ୍ ଲୋକମାନଙ୍କୁ ବିଭ୍ରାନ୍ତ କରି କୁପଥକୁ ନେଉଛନ୍ତି ବୋଲି ତାଙ୍କ ଉପରେ ଆରୋପ ଲାଗିଥିଲା। ବିଚାରରେ ତାଙ୍କୁ କି ଦଣ୍ଡଦିଆଯିବ ତାହା ଉପରେ ଭୋଟ ହୋଇଥିଲା। ସକ୍ରେଟିସ୍‌ଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉ ବୋଲି ୨୮୦ରୁ ୨୨୦ ଜଣ ଭୋଟ ଦେଇଥିଲେ। ଫଳରେ ସକ୍ରେଟିସ୍‌ଙ୍କୁ ଅତି ମାରାତ୍ମକ ହେମଲକ୍ ବିଷ ପିଏଇ ମାରି ଦିଆଯାଇଥିଲା।



ଆନ୍ନା ପଲିକୋଭସ୍କ୍ୟା।

**ଆନ୍ନା ପଲିକୋଭସ୍କ୍ୟା:** ସକ୍ରେଟିସ୍‌ଙ୍କ ଘଟଣାଟି ଖ୍ରୀଷ୍ଟପୂର୍ବ ୩୯୯ରେ ସଂଘଟିତ ହୋଇଥିବା ବେଳେ ଏ ଘଟଣାଟି ହେଉଛି ବିଗତ କିଛି ଦଶନ୍ଧି ତଳର। ଜଣେ ସ୍ୱାଧୀନଚେତା ଲେଖକ ପ୍ରତି ଶାସକମାନେ କିଭଳି ଅସହିଷ୍ଣୁ ହୋଇ ପାରନ୍ତି ତାହାର ଏକ ଦୃଷ୍ଟାନ୍ତ ହେଉଛନ୍ତି ଆନ୍ନା ପଲିକୋଭସ୍କ୍ୟା। ରୁଷିଆର ଏହି ମହିଳା ହେଉଛନ୍ତି ଏକାଧାରରେ ଜଣେ ସାମ୍ବାଦିକା ତଥା ଲେଖିକା। ୧୯୯୯ରୁ ୨୦୦୫ ମସିହା ମଧ୍ୟରେ ରୁଷିଆରେ ଘଟିତ ଦ୍ୱିତୀୟ ଚେଚେନ୍ ଯୁଦ୍ଧକୁ ନେଇ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ ଆନ୍ନା। ଆନ୍ନାଙ୍କ ବାକ୍ୟବାଣ ଘାଇଲା କରି ପକେଇଥିଲା ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କୁ। ଆନ୍ନା ତାଙ୍କ ରଚନାରୁ ଓହରି ଯାଆନ୍ତୁ, ସରକାରଙ୍କୁ ଟାର୍ଗେଟ୍ ନ କରନ୍ତୁ ବୋଲି ଅନେକ ଚାପ ପକାଯାଇଥିଲା ତାଙ୍କ ଉପରେ। ମାତ୍ର ଆନ୍ନା ଥିଲେ ନିର୍ବିକାର। ସେ ଯୁଦ୍ଧ ଆଳରେ ଏକ ଗଣତନ୍ତ୍ରକୁ ବିଭ୍ରାନ୍ତ କରିବାକୁ ଦେବେନାହିଁ ବୋଲି ରୋକ୍‌ଠୋକ୍ ଜଣେଇ ଦେଇଥିଲେ। ମାତ୍ର ଫଳ ହୋଇଥିଲା ଓଲଟା। ଆନ୍ନାଙ୍କୁ ଏକ ଏଲିଭେଟର (ଲିଫ୍ଟ) ଭିତରେ ଗୁଳି କରି ହତ୍ୟା କରାଯାଇଥିଲା। ଆଉ ଯେଉଁଦିନ ଆନ୍ନାଙ୍କୁ ହତ୍ୟା କରାଗଲା ସେହିଦିନ ପାଳିତ ହେଉଥିଲା ରୁଷ୍ ଭଳି ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ମହାନାୟକ ରାଷ୍ଟ୍ରପତି ପୁଟିନ୍‌ଙ୍କ ଜନ୍ମଦିନ।



ହ୍ୟୁଗୋ ବିଟାୟୁର


**ହ୍ୟୁଗୋ ବିଟାୟୁର:** ଘଟଣାଟିର ସମୟକାଳ ୧୯୨୦। ଅଷ୍ଟ୍ରିଆରେ ସେତେବେଳେ ନାଜି ଶାସକଙ୍କର ରାଜୁତି। ନାଜିମାନେ ସବୁବେଳେ ଇହୁଦୀ ବିରୋଧୀ। ସେ ସମୟରେ ଅଷ୍ଟ୍ରିଆର ଜଣେ ସଫଳ ଲେଖକ ଭାବରେ ସ୍ୱନାମ ଅର୍ଜନ କରି ସାରିଥାନ୍ତି ହ୍ୟୁଗୋ ବିଟାୟୁର। ସେ ନାଜିଙ୍କର ଏହି ଇହୁଦୀ ବିରୋଧୀ ମନୋଭାବକୁ ତୀବ୍ର ସମାଲୋଚନା କରୁଥାନ୍ତି। ସେତିକିବେଳେ ତାଙ୍କର ଏକ ଉପନ୍ୟାସ ପ୍ରକାଶ ପାଏ, ଯେଉଁଥିରେ ନାଜିମାନଙ୍କ ଇହୁଦୀ ବିରୋଧୀ ମନୋଭାବ କିପରି ଭୟଙ୍କର ରାଷ୍ଟ୍ରବିପ୍ଲବକୁ ଡାକି ଆଣିବ ତଥା ତଦ୍ୱାରା କିପରି ଗୋଟିଏ ଦେଶର ଅର୍ଥନୀତି ଭୁଶୁଡ଼ି ପଡ଼ିବ ତାହାର ସେ ଭବିଷ୍ୟବାଣୀ କରିଥାନ୍ତି। ନାଜି ଶାସକ ଆଉ ବେଶିଦିନ ସହ୍ୟ କରିବା ଅବସ୍ଥାରେ ନ ଥିଲେ ହ୍ୟୁଗୋଙ୍କୁ। ଜଣେ ନାଜି ସମର୍ଥକ ହ୍ୟୁଗୋଙ୍କୁ ମୁକ୍ତାଲୋକରେ ଗୁଳି କରି ହତ୍ୟା କରାଗଲା। ବିଶ୍ୱରେ ଆଲୋଡ଼ନ ଖେଳେଇଦେଲା ଏହି ଖବର। ହେଲେ ନାଜି ଶାସକଙ୍କ କୈଫିୟତ ଥିଲା ଅତୀବ କିମ୍ଭୂତକିମାକାର। ହ୍ୟୁଗୋ କୁଆଡ଼େ ଯୁବକମାନଙ୍କୁ ବିଭ୍ରାନ୍ତ କରୁଥିଲେ ଆଉ ସେହି ଯୁବକଙ୍କ ମଧ୍ୟରୁ ଜଣେ ତାଙ୍କୁ ହତ୍ୟା କରିଛି ବୋଲି ସରକାର ମନ୍ତବ୍ୟ ଦେବା ସହିତ ମାମଲାର ଦଫାରଫା କରିଦେଇଥିଲେ।




ଜିଓର୍ଡାନୋ ବ୍ରୁନୁ

**ଜିଓର୍ଡାନୋ ବ୍ରୁନୁ :** ରୋମ୍ ଇତିହାସର ଏହା ହେଉଛି ଏକ କଳଙ୍କିତ ଘଟଣା। ତାହା ଏକ ଏମିତି ସମୟ ଥିଲା ଯେତେବେଳେ ଧର୍ମଗୁରୁମାନଙ୍କୁ ପ୍ରଶ୍ନ କରିବା ଥିଲା ଏକ ଦଣ୍ଡନୀୟ କାର୍ଯ୍ୟ। ଚର୍ଚ୍ଚ ଆଡ଼କୁ ପ୍ରଶ୍ନିଳ ଦୃଷ୍ଟି ନେଇ ଅନେଇବାକୁ କୁହାଯାଉଥିଲା ପାପ। ଠିକ୍ ସେତିକିବେଳେ ଆବିର୍ଭାବ ହୋଇଥିଲା ଜିଓର୍ଡାନୋ ବ୍ରୁନୁଙ୍କର। ସେ ଏକାଧାରରେ ଥିଲେ ଜଣେ ଦାର୍ଶନିକ, ଗଣିତଜ୍ଞ, କବି ଏବଂ ଜ୍ୟୋତିର୍ବିଜ୍ଞାନୀ। ନା ତାଙ୍କର ଧର୍ମଗୁରୁମାନଙ୍କ ପ୍ରତି ଥିଲା ଖାତିର ନା ଚର୍ଚ୍ଚ ପ୍ରତି ଆନୁଗତ୍ୟ। ସେ ଥିଲେ ନିଜ ଯୁକ୍ତିରେ ଅଟଳ। ବ୍ୟକ୍ତି ସ୍ୱାଧୀନ। ସମାଜ ତାକୁ ବନ୍ଦୀ କରିପାରିବ ନାହିଁ। କିମ୍ବା ଧର୍ମଗୁରୁମାନେ ଏ ସମାଜର ନିର୍ଣ୍ଣାୟକ ନୁହନ୍ତି ଏହା ସେ ମୁକ୍ତ ଭାବରେ ଘୋଷଣା କରିଥିଲେ। ତାଙ୍କୁ ବନ୍ଦୀ କରାଯାଇଥିଲା। ତାଙ୍କର ଅଧିକାଂଶ କୃତିକୁ ନଷ୍ଟ କରିଦିଆ ଯାଇଥିଲା। ଶେଷରେ ତାଙ୍କୁ ଜିଅନ୍ତା ଜାଳି ମାରି ଦିଆଯାଇଥିଲା।

ମଣିଷ ଜାତିର ଇତିହାସ ଏମିତି ବହୁଶହ ଘଟଣାକୁ ସାଇତି ରଖିଛି। ତତ୍କାଳର ସମାଜ ସ୍ୱାଧୀନଚେତା ତଥା ସତ୍ୟଦ୍ରଷ୍ଟା ଲେଖକ ଦାର୍ଶନିକମାନଙ୍କୁ ସ୍ୱୀକାର କରିନାହିଁ। ସେମାନଙ୍କୁ ସୃଷ୍ଟିରୁ ହଟେଇ ଦେଇଛି। ମାତ୍ର ପରବର୍ତ୍ତୀ କାଳରେ ସେହି ଯୋଗଜନ୍ମା ସତ୍ୟଦ୍ରଷ୍ଟାମାନଙ୍କୁ ସମୟ ସ୍ୱୀକାର କରିଛି ଆଉ ସମାଜ ସେମାନଙ୍କ ମାର୍ଗରେ ପରିଚାଳିତ ହୋଇଛି।





# ଭାଇରାଲ ହୋଇ ନ ଥିବା ଗୋଟେ ଦୃଶ୍ୟ

**– ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର**

ପୋଲିସ ଚାକିରିରେ ଦୁନିଆ ଝିନ୍‌ଝଟ। ମୋର କେବେ ବି ସ୍ୱପ୍ନ ନ ଥିଲା ଏ ଚାକିରି କରିବାକୁ। ଅଧ୍ୟାପକ ହବାକୁ ମନ ବଳେଇଥିଲି। କିନ୍ତୁ ହେଲି ପୋଲିସ ସବ୍‌ଇନ୍ସପେକ୍ଟର। ଚାକିରିରେ ପଶିଲା ବେଳେ ପ୍ରଥମେ ପ୍ରଥମେ ମୁଁ ଭାରି ନିରୁତ୍ସାହିତ ଥିଲି। ଏବେ କିନ୍ତୁ ମୁଁ ମୋ କାମକୁ ଖୁବ୍ ଭଲ ପାଉଛି।

କାମର ଟେନ୍‌ସନ ନିହାତି ତ ଅଛି। ଏବେ ପୁଣି କୋଭିଡ୍‌-୧୯ ଭୂତାଣୁ ସଂକ୍ରମଣ ଆଶଙ୍କାରେ ସାରା ଦେଶରେ ଲକ୍‌ଡାଉନ। ଲକ୍‌ଡାଉନ ଆମମାନଙ୍କ କାମକୁ ଦୁଇଗୁଣା ବଢେଇ ଦେଇଛି। ଦିନରାତି ବ୍ଲକିଂ,ଚେକିଂରେ ମଣିଷ ନାକେଦମ ହୋଇଗଲାଣି।

ରାଇରଙ୍ଗପୁର ଥାନାରେ ମୋର ତିନିବର୍ଷ ହୋଇଗଲା। ଇଆଡେ ଗୋଟେ ବି କରୋନା ପଜିଟିଭ କେସ୍ ନାହିଁ। ମାତ୍ର ଲକ୍‌ଡାଉନ ନିୟମ କଡାକଡି। ଏଠିକା ମାରୁୱାଡିଙ୍କୁ ପାରିବା ବଡ଼ କଷ୍ଟ। ସବୁଯାକ ପୋଖତ ବେପାରୀ। ଯିଏ ଜାମାପଟା ଦୋକାନ କରିଥିଲା ଲକ୍‌ଡାଉନକୁ ଆଖିରେ ରଖି ସିଏ ତେଜରାତି ଦୋକାନ ଖୋଲି ବସିଲାଣି।

ସକାଳୁ ଜଣକୁ ପଚାରିଲି– କିହୋ ଖେମକାବାବୁ, ତମର ପା ଲୁଗା ଦୋକାନ, କୁଆଡେ ବାହାରିଲ ?

– ଆଜ୍ଞା, କିରାନା ସାମାନ ଏଇନେ ପା ବିକୁଛି। ଦାନ୍ତକୁ ନିକୁଟି ପପୁ ଖେମକା କହିଲା।

ଲୋକଗୁଡ଼ାକ ଡେଲି ବାଇଗଣ ଅଧକିଲୋ, ଆଳୁ କିଲେ କିଣିବା ବାହାନାରେ ସକାଳୁ ବାହାରି ପଡୁଛନ୍ତି। ଆଉ କିଏ କହୁଛି କ୍ଷୀର ପ୍ୟାକେଟଟେ ଆଣିବାକୁ ଯାଉଛି। ଘରେ ଚା'ହବ ଆଜ୍ଞା। କାହାକୁ କେତେ ଆକଟ କରିବ।

ବାରଟା ପାଖାପାଖି ହବ ଦି'ଟା ଟୋକା ବାଇକରେ ଯାଉଥିଲେ। ଗିରି କନ୍‌ଷ୍ଟେବଲ ଲାଠିରେ ଦେଲା ଦି' ପାହାରେ। ଦି'ଟାଯାକ ଫେରକେଟେଇ ପଡିଲେ।

ମୁଁ କହିଲି– ଗିରି ଏମିତି ଚଳନ୍ତା ଗାଡ଼ିରେ କାହାକୁ ପିଟିବନି। ଖରା ସମୟ ପଡ଼ିକି ମରିଯିବେ ହୋ। ଅଟକେଇ କି ପଚାରିବ। ସନ୍ତୋଷଜନକ ଉତ୍ତର ନ ଦେଇ ପାରିଲେ ଗୋଡକୁ ଦେଖି ପିଟିବ।

ଗିରିକୁ ଭୋକ ହେଉଥିଲା ନା କ'ଣ। କହିଲା– ସାରେ, ଆପଣ ଯେମିତି କହୁଛନ୍ତି ଏମିତି ଡ୍ୟୁଟି କରିହବନି। ଏଗୁଡ଼ାଙ୍କୁ ନିର୍ଘାତ ମାଡ଼ ଦରକାର। ତୁଛାଟାରେ ଆସି ବାଇକ୍ ଧରି ବୁଲୁଛନ୍ତି।

ଗିରି ଦି'ଟା ଟୋକାଙ୍କୁ ଲକ୍ଷ୍ୟ କରି ଦୋ' ଅକ୍ଷରୀ ଲଗେଇ ଶୋଧିଲା, ଆଉ ମନ ଶାନ୍ତି କଲା।

ମୁଁ କହିଲି– ଉହୁଁ ଏମିତି ଅପଭାଷା ପ୍ରୟୋଗ କରିବାର ଆବଶ୍ୟକତା ନାହିଁ।

– ସାରେ, ଏଗୁଡ଼ାଙ୍କୁ ଭଣ୍ଡଷଣ୍ଡ କରି ନ ଶୋଧିଲେ ଏମାନେ ଜମା ବାଟକୁ ଆସିବେନି। ଭଦ୍ରାମିରେ ରହି ପୁଣି ପୋଲିସ ଚାକିରି!

ହୋମଗାର୍ଡ଼ କୌଶଲ୍ୟା ମୁର୍ମୁ ଛାଇରେ ବସି ମୋବାଇଲ ଖେଳୁଥାଏ। ଆଉ ହସି ହସି ଗଡ଼ିଯାଉଥାଏ।

– କୌଶଲ୍ୟା, ତମର ପୁଣି କ'ଣ ହେଲା ?

– ସାରେ, ଫେସବୁକରେ ଗୋଟେ ମଜା କଥା ପଢିଲି।

– ଏମିତି କି ମଜାକଥା ପଢିଲ ଶୁଣେ।

– ପୋଲିସ ଲୋକଟାକୁ ଲାଠିରେ ପିଟିବାକୁ ବାହାରୁଛି। ଲୋକଟା କହୁଛି, ସେଇ ଗୋଟେ ଲାଠିରେ କେତେ ଜଣକୁ ପିଟି ସାରିବଣି। ପିଟିବା ପୂର୍ବରୁ ଟିକେ ସାନିଟାଇଜ ତ କର। ହି ହି ହି...

ରାସ୍ତାରେ ଜଣେ ବୁଢୀ ନଇଁ ନଇଁ କୁଆଡେ ଯାଉଥାଏ।

– ମାଉସୀ କୁଆଡେ ଖରାରେ ? ମୁଁ ଡାକ ପକାଇଲି।

– ବାବୁ କାହିଁ ଯିମି। ଦେଖେଁ କେଠି ଗଣ୍ଡେ ଖାଇତେ ମିଳିବ। ସକାଳୁ କିଛି ନାଇ ଖାଇ।

ଗାଡ଼ିରୁ ମୋ ଲଞ୍ଚ୍‌ବକ୍ସଟା ଆଣି ତା' ଆଗରେ ଖୋଲି ଧରିଲି।

ବୁଢୀ ମୋ ମୁଣ୍ଡରେ ହାତ ଥୋଇ କହିଲା– ବାବୁ, ସତ୍ କହ ତୁଇ କି ପୋଲିସ ?

*– ପ୍ଲଟ୍ ନଂ–୩୫୦୮, ପଳାଶୁଣୀ, ଭୁବନେଶ୍ୱର–୨୫*

## ଅସ୍ତାୟମାନ ରୂପର ସୂର୍ଯ୍ୟ

**– ସୁବ୍ରତ ମଲିକ**

ସଦା ଯୌବନର ସନ୍ଧାନରେ
ସଦା ଧାବମାନ
ବୟସର ଛାପକୁ
ଲୁଚାଇବାର ପ୍ରୟାସରେ
କେତେ ଯେ ପ୍ରସାଧନ ସାମଗ୍ରୀ
ହୋଇଛନ୍ତି ପରାହତ
ସୌନ୍ଦର୍ଯ୍ୟକରଣ ଯୁଦ୍ଧରେ
ମୁଖର ପୃଷ୍ଠଭୂମି ଉପରେ...

ସାକ୍ଷୀ ତ ଅଛି ଦର୍ପଣ
ସେଠି ଦେଖି ସ୍ୱ–ପ୍ରତିବିମ୍ବ
ମନେପକାଇ ଅତୀତ
ନିଜ ପାଖେ ହୋଇଛି ନିନ୍ଦିତ
କେମିତି ଓ କେଉଁଠି
ବୁଡିଗଲା ରୂପର ସୂର୍ଯ୍ୟ
ବୟସର ଅପରାହ୍ଣରେ
ଆଉ ଉଦୟ ହେବାର
ନାମ ଧରୁନାହିଁ ଯେ...

*– ମଙ୍ଗଳପୁର, ଅସୁରାଳି, ଭଦ୍ରକ*

## ଏକାନ୍ତ ବାସ

**– ମୟୂରୀ ଦାଶ**

ଯେବେଠୁ
ଏକାନ୍ତ ବାସରେ ରହିଛି,
ସଦା ସହଚର ଛାଇ ବି
ସନ୍ଧ୍ୟା ହେଲେ ଚାଲିଯାଉଛି
ଆଜିକାଲି,
ଦର୍ପଣ ଭିତର ମଣିଷଟା
ଖାଲି
ଆପଣାର ଲାଗୁଛି ॥


*ମାର୍ଫତ–ବାନାମ୍ବର ଦାଶ*
*ହିଲ୍ ଟାଉନ,*
*ଭବାନିପାଟଣା, କଳାହାଣ୍ଡି*

## ମୃତ୍ୟୁର ଉପସ୍ଥିତି

**– ଦିଲିପ୍ କୁମାର ତ୍ରିପାଠୀ**

ଜୀବନ ବାକ୍ୟର ପୂର୍ଣ୍ଣଚ୍ଛେଦ
ନିରନ୍ତର ସ୍ୱପ୍ନ ଦେଖି
ଥକି ପଡିଥିବା
ଆଖିଦୁଇର ବିଶ୍ରାମାଗାର,
ନିଶୂନ୍ ବେଳାର ଶଯ୍ୟାତ୍ୟାଗ
ଅଂହକାରର ସୂର୍ଯ୍ୟାସ୍ତ
ପାପ, ପୁଣ୍ୟ
ଭଲ, ମନ୍ଦର ଦୃଶ୍ୟ ଆଢୁଆଳରୁ
ଅନେକ ଦୂର...
ସବୁ ସମ୍ଭାବନାର ଶେଷ
ସବୁ ଇଚ୍ଛାର ନିଃଶେଷ
ପରିତାପର ପରିସମାପ୍ତି
ସମ୍ପଦ ଆଉ ସମ୍ପର୍କରୁ ମୁକ୍ତି
ଯୁକ୍ତି ଆଉ ଉକ୍ତିରୁ ବିରତି
ଫିକା ଜହ୍ନ ଫିକା ମନ
ଫିକା ସବୁ ସକାଳ, ସଞ୍ଜ
ରାତି, ସ୍ମୃତି ଆଉ ପ୍ରୀତି
ହେଇ, ଦେଖ !
ଦେଖ
ମୃତ୍ୟୁର ଉପସ୍ଥିତି ॥

*– ଢେଙ୍କାନାଳ, ପର୍ଜଙ୍ଗ,*
*କୁନ୍ଦନଦେଇପୁର ଶାସନ*



# ସଚିତ ଯାହା ଚାହୁଁଥିଲେ..


ସଚିତ୍

ଥରେ ମନେ ପକାନ୍ତୁ ନା ଗୌରୀ ଗଣନାଟ୍ୟ ପରିବେଷିତ ଅପେରା ନାଟକ 'ବାଜିବ ଲୋ ସାହାନାଇ'କୁ। ସେହି ସମୟରେ ଆଶୁତୋଷ ମହାପାତ୍ରଙ୍କ ନିର୍ଦ୍ଦେଶିତ ଏହି ନାଟକଟି ଯାତ୍ରାପ୍ରେମୀଙ୍କୁ ଫୁଲ୍ ଏଣ୍ଟରଟେନମେଣ୍ଟ କରିଥିଲା। ହେଲେ ଏବେ ଆଶୁତୋଷଙ୍କ ସାହାନାଇ ପୁଣି ଥରେ ବାଜିବାକୁ ଯାଉଛି। ହେଲେ ଏଥର ଯାତ୍ରା ମଞ୍ଚରେ ନୁହେଁ ବଡ ପରଦାରେ। ଅର୍ଥାତ୍, ଏହି କାହାଣୀକୁ ଓଡ଼ିଆ ଚଳଚ୍ଚିତ୍ରର ରୂପ ଦେଉଛନ୍ତି ନବାଗତ ପ୍ରଯୋଜକ ଜନ୍ମେଜୟ ଡଗରା। ଏହାର ଟାଇଟଲ ରହିଛି 'ବାଜିବ ଲୋ ସାହାନାଇ'। ଆଉ ଏଥିରେ ନିଜ ମନଲାଖି ଭୂମିକାଟିଏ ପାଇଛନ୍ତି ଅଭିନେତା ସଚିତ। ଉକ୍ତ ଚଳଚ୍ଚିତ୍ରରେ ମିଳିଥିବା ରୋଲ୍ ତାଙ୍କ କ୍ୟାରିୟର ପାଇଁ ମାଇଲେଜ ସାବ୍ୟସ୍ତ ହେବ ବୋଲି ସେ ଆଶା ରଖିଛନ୍ତି। ଅପରପକ୍ଷରେ ଏହାକୁ କିପରି ଏକ ସୁନ୍ଦର ସିନେମାଟିଏ କରାଯାଇପାରିବ ସେ ନେଇ ପୁରା ଦମ୍‌ରେ ଅଣ୍ଟା ଭିଡିଛନ୍ତି ଆଶୁତୋଷ। ଶୁଭ ବିବାହରେ ସାହାନାଇଟିଏ ଲୋଡା ପଡ଼େ। ଏହାକୁ ପେସା କରି ଚଳୁଥିବା ଲୋକଟିର ଜୀବନରେ କେମିତି କଳା ଅନ୍ଧାର ଘୋଟି ଆସେ ଆଉ ତା'ପରେ କ'ଣ ହୁଏ ତାହାକୁ ନେଇ କାହାଣୀ ଗତିଶୀଳ। ଏହି ଫିଲ୍ମର ମୁଖ୍ୟ ଭୂମିକାରେ ସଚିତଙ୍କ ବ୍ୟତୀତ ଅମ୍ଳାନ କୁମାର ଏବଂ ବଙ୍ଗୀୟ ଅଭିନେତ୍ରୀ ଝିଲିକ୍। ଏମାନଙ୍କ ବ୍ୟତୀତ ରାଇମୋହନ, ଅଶ୍ରୁମୋଚନ ମହାନ୍ତି, ଆଶୁତୋଷ, ଭୂପତି ତ୍ରିପାଠୀ, ସୁମନ, ପ୍ରତିଭା ପଣ୍ଡା, ଜୟୀରାମ ସାମଲ ଏବଂ ଅପେରା ଅଭିନେତା ହୃଷୀକେଶ ମଧ୍ୟ କାଷ୍ଟିଂରେ ଅଛନ୍ତି। ଗୀତଗୁଡ଼ିକୁ ସ୍ୱର ଦେଉଛନ୍ତି ଅମୃତାଂଶୁ ପଟ୍ଟନାୟକ (ଟିଟନ)। ଚଳଚ୍ଚିତ୍ରର ବୈଷୟିକ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ସୁରେଶ ଦାସ। ଫିଲ୍ମଟିର ଅର୍ଦ୍ଧାଧିକ ଶୁଟିଂ ଶେଷ ହୋଇଥିବା ବେଳେ ଲକ ଡାଉନ ପାଇଁ ଶୁଟିଂ ଏବେ ବନ୍ଦ ଅଛି।


ତମନ୍ନା

# ମିଲକ୍ ବିୟୁଟି

ତମନ୍ନା ଭାଟିଆ–କେବଳ ଦକ୍ଷିଣ ଭାରତୀୟ ସିନେମା ନୁହେଁ ବଲିଉଡ଼ରେ ମଧ୍ୟ ସେ ଜଣେ ପରିଚିତା ଅଭିନେତ୍ରୀ। ତାଙ୍କର ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୦୫ରୁ ଆଉ ସେତେବେଳେ ତାଙ୍କୁ କେତେ ବୟସ ହୋଇଥିଲା ଜାଣନ୍ତି ? ମାତ୍ର ୧୪ବର୍ଷ। ପ୍ରଥମ ସିନେମା ସିନା ଫ୍ଲପ୍ ହେଲା, ହେଲେ ତା'ପରେ ସେ ନିଜର ଦୃଢ଼ ମନୋବଳକୁ ଆଧାର କରି ଆଗେଇଥିଲେ। ଆଉ ଏବେ ତାଙ୍କ ପଛରେ ପ୍ରଯୋଜକଙ୍କର ଲମ୍ବା ଲାଇନ୍। ହଁ, ମିଲ୍କ ବିୟୁଟି। ତମନ୍ନା ଦେଖିବାକୁ ଏତେ ଗୋରା ଯେ ତାଙ୍କୁ 'ମିଲ୍କ ବିୟୁଟି' ବୋଲି ଅନେକ ସମ୍ବୋଧନ କରିଥାଆନ୍ତି। ଖାସ୍ କଥା ହେଲା ତାଙ୍କର ପସନ୍ଦୀୟ ରଙ୍ଗ ହେଲା ଧଳା। ପୁଣି ସେ ଅଧିକାଂଶ ସମୟ ଧଳା ଡ୍ରେସ ପିନ୍ଧିବାକୁ ପସନ୍ଦ କରିଥାଆନ୍ତି। ତମନ୍ନା ଚକୋଲେଟ୍ ଏବଂ ଆଇସକ୍ରିମ ଖାଇବାକୁ ଭଲ ପାଆନ୍ତି। ସୁପରଷ୍ଟାର ମହେଶ ବାବୁ ହେଉଛନ୍ତି ତାଙ୍କର ମନ ପସନ୍ଦର ଅଭିନେତା। ପ୍ରୀତି ଜିଣ୍ଟାଙ୍କ ଆକ୍ଟିଂ ମଧ୍ୟ ତାଙ୍କୁ ବେଶ୍ ପ୍ରଭାବିତ କରିଛି। ଅବସର ମିଳିଲେ ତମନ୍ନା କ'ଣ କରନ୍ତି ଜାଣନ୍ତି ? ସମୟ ମିଳିବା ମାତ୍ରେ ସେ ଜିମ୍ ଯାଇଥାଆନ୍ତି। ତା' ସହ ଇଣ୍ଟରନେଟ୍ ସହ ନିଜକୁ ଜଡ଼ିତ ରଖନ୍ତି ଏବଂ ବହି ମଧ୍ୟ ପଢ଼ନ୍ତି। ଇଂରାଜୀ, ହିନ୍ଦୀ ବ୍ୟତୀତ ତାମିଲ, ତେଲୁଗୁ, ମାଲାୟାଲାମ, ସିନ୍ଧି ଏବଂ ମରାଠୀ ଭାଷାରେ ତାଙ୍କର ବେଶ୍ ଦକ୍ଷତା ରହିଛି।

# ପ୍ରେମ ନୁହେଁ ଆକ୍ଟିଂ


ସୁଶାନ୍ତ

ସୁଶାନ୍ତ ସିଂ ରାଜପୁତଙ୍କୁ ନେଇ ଏବେ ବଲିଉଡ଼ରେ ଚର୍ଚ୍ଚା। ୨୦୧୩ରେ ତାଙ୍କ ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ପ୍ରଥମ ସିନେମା ଥିଲା 'କାଇ ପୋ ଚେ'। ଖାସ୍ କଥା ହେଲା ଏହି ଫିଲ୍ମ ପାଇଁ ସେ ଶ୍ରେଷ୍ଠ ନବାଗତ କଳାକାର ଭାବରେ ଫିଲ୍ମ ଫେୟାର ପୁରସ୍କାର ହାସଲ କରିଥିଲେ। ତା'ପରେ ସେ 'ଶୁଦ୍ଧ ଦେଶୀ ରୋମାନ୍ସ', 'ପି.କେ', 'ଡିଟେକ୍ଟିଭ ବ୍ୟୋମକେଶ ବକ୍ସି', 'ଏମ.ଏସ. ଧୋନି–ଦ ଅନଟୋଲ୍ଡ ଷ୍ଟୋରି', 'ରବତା', 'ୱେଲକମ୍ ଟୁ ନ୍ୟୁୟର୍କ' ଏବଂ 'କେଦାରନାଥ' ପରି ଚଳଚ୍ଚିତ୍ରରେ ଅଭିନୟ କରି ନିଜ ଅଭିନୟ ଦକ୍ଷତା ଦେଖାଇ ସାରିଛନ୍ତି। ଏବେ ରିୟା ଚକ୍ରବର୍ତ୍ତୀଙ୍କ ସହ ତାଙ୍କର ଚାଲିଥିବା ରୋମାନ୍ସ ଆଲୋଚନା ପାଇଁ ବେଶ୍ ଖୋରାକ ଯୋଗାଇଛି। ହେଲେ ଏପରି ଆଲୋଚନାର ଆବଶ୍ୟକତା ନାହିଁ ବୋଲି ସଫେଇ ଦେଇଛନ୍ତି ସେ। ଏ ସମ୍ପର୍କରେ ସୁଶାନ୍ତ କହନ୍ତି, 'ମୁଁ ବଲିଉଡ଼କୁ ଆକ୍ଟିଂ କରିବାକୁ ଆସିଛି। ମୋ ବ୍ୟକ୍ତିଗତ ଜୀବନରେ କ'ଣ ଘଟୁଛି ତାକୁ ନେଇ ଅନେକ ଗୁଜବ ମୁଁ ଶୁଣୁଛି। ହେଲେ ତାହା ପଛରେ ଆଦୌ ସତ୍ୟତା ନାହିଁ। ମୁଁ ସବୁବେଳେ ଆକ୍ଟିଂକୁ ଗୁରୁତ୍ୱ ଦେଇଥାଏ। ବର୍ତ୍ତମାନ ସମୟରେ ପ୍ରେମ କଥା ଚିନ୍ତା କରିବାକୁ ମୋ ନିକଟରେ ସମୟ ନାହିଁ। ତେବେ ଆକ୍ଟିଂରେ ସଫଳ ସୁଶାନ୍ତ ପ୍ରେମରେ କେତେ ବାଜିମାତ୍ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଗୁରୁ ଖୋଜୁଛନ୍ତି ଦୀପିକା


ଦୀପିକା

ଏବେ ତ ଲକ୍ ଡାଉନ୍ ଚାଲିଛି। ଯେହେତୁ ଏବେ ଶୁଟିଂ ନାହିଁ ତେଣୁ ଘରେ ବସି ଟାଇମ ପାସ୍ କରିବା କଥା। ବର୍ତ୍ତମାନ ଦୀପିକା ପାଦୁକୋନ୍ ନିଜ ପରିବାର ସହ ସମୟ କଟାଉଛନ୍ତି। ଏତିକି ବେଳେ ତାଙ୍କ ମୁଣ୍ଡକୁ ଏକ ଆଇଡିଆ ଜୁଟିଛି। କଥା କ'ଣ କି ଆକ୍ସନ ଭୂମିକାରେ ଅଭିନୟ କରିବାକୁ ସେ ମନ ବଳାଇଛନ୍ତି। ତା' ସହ କିଛି ଷ୍ଟଣ୍ଟ ଶଟ୍ ଦେବାକୁ ଇଚ୍ଛା ପ୍ରକଟ କରିଛନ୍ତି। ଏ ନେଇ କେବଳ କହିଦେଲେ ତ ହେବ ନାହିଁ ତାକୁ ପୁଣି କାମରେ ଲଗାଇବାକୁ ପଡ଼ିବ। ତେଣୁ ସେ ଫାଇଟିଂ ଶିଖିବାକୁ ଜଣେ ଗୁରୁ ସନ୍ଧାନରେ ଅଛନ୍ତି। ଏହି ସମୟରେ ତାଙ୍କର ଏହି ଆଶା ପୂରଣ କରିବାକୁ ପଡିବେବ ରଣବୀର ସିଂ ମଧ୍ୟ ଆଗେଇ ଆସିଛନ୍ତି। ଏଥିପାଇଁ କେତେଜଣ ଫାଇଟ୍ ମାଷ୍ଟରଙ୍କ ସହ ରଣବୀର ଯୋଗାଯୋଗରେ ଅଛନ୍ତି। ଏବେ ତ ଲକ୍‌ଡାଉନ। ଏହା ଶେଷ ହେବା ପରେ ଯାହା କିଛି କରାଯିବ। ତେଣୁ ୟୁ ଟ୍ୟୁବ୍‌ରେ ଫାଇଟ୍ ଭିଡିଓ ଦେଖି କିଛି ଜ୍ଞାନ ଆହରଣ କରିବାକୁ ଦୀପିକା ଚେଷ୍ଟା କରୁଛନ୍ତି। ହେଲେ ତାଙ୍କୁ ଏପରି ଭୂମିକାରେ କିଏ ସୁଯୋଗ ଦେବ ତାହା ଆଗାମୀ ସମୟ ହିଁ କହିବ।

# କରୋନା, କରୋ ନା, କରନା!

ଇତି ମଧ୍ୟରେ ଦେଶରେ ଲକ୍‌ଡାଉନ୍ ସୀମା ମେ’ ୩ ତାରିଖକୁ ବୃଦ୍ଧି ହୋଇଯାଇଛି। ବର୍ତ୍ତମାନ ସୁଦ୍ଧା ଜଗନ୍ନାଥଙ୍କ କୃପାରୁ ଓଡ଼ିଶାରେ ସଂକ୍ରମଣ ହାର ଯଥେଷ୍ଟ କମ୍ ରହିଛି। କରୋନା ପାଇଁ ଅଦ୍ୟାବଧି ଔଷଧ କିଛି ବାହାରି ନାହିଁ। ଏଥିରୁ ବଞ୍ଚିବାକୁ ହେଲେ ଏକମାତ୍ର ଉପାୟ-ସଙ୍ଗରୋଧତା। ଘରେ ରୁହନ୍ତୁ ଏବଂ ସୁସ୍ଥ ରୁହନ୍ତୁ। ଗତ ସ୍ତମ୍ଭରେ ସନ୍ନ୍ୟାସୀ ଆପଣମାନଙ୍କୁ ମହାଭାରତ ଯୁଦ୍ଧର ଗୋଟିଏ ଦୃଶ୍ୟକୁ ମନେପକାଇ କହିଥିଲା ଯେ, ଘରେ ରହିବା ଦ୍ୱାରା କି ଉପକାର ହୁଏ। ଇଂଲିଶରେ କଥାଟିଏ ଅଛି- ଇଷ୍ଟ ଅର୍ ୱେଷ୍ଟ, ହୋମ୍ ଇଜ୍ ବେଷ୍ଟ। କରୋନା ପରିପ୍ରେକ୍ଷୀରେ ଆଜି ଏ କଥାର ଗୁରୁତ୍ୱ ବେଶ୍ ବୁଝି ହେଉଛି।

ତଥାପି ଗୁଡାଏ ଅମାନିଆ ଏହାକୁ ମାନୁ ନାହାନ୍ତି। ଦଳଦଳ ହୋଇ ହାତରେ ଖଣ୍ଡିଏ ଲେଖାଏଁ ମୋବାଇଲ୍ ସେଟ୍ ଧରି ଗାଁ ଭିତରେ ଏଠି ସେଠି ବସୁଛନ୍ତି। ସାମାଜିକ ଦୂରତ୍ୱକୁ ଖାତିର ନାହିଁ। ପ୍ରଧାନମନ୍ତ୍ରୀଙ୍କ ବିକଳ ପ୍ରାର୍ଥନା ଅବା ମୁଖ୍ୟମନ୍ତ୍ରୀଙ୍କ ଯୋଡହସ୍ତ ନିବେଦନ- ସବୁକିଛି ଫିକା ପଡୁଛି ସେ ଉଦ୍ଧତମାନଙ୍କ ପାଖରେ। ସନ୍ନ୍ୟାସୀ ସବୁ ସଭା ସମିତିରେ ଗୋଟିଏ କଥା କୁହେ ଯେ ଏ ଦେଶ, ଏ ସମାଜ, ଏ ପରିବେଶ ଏବଂ ଆମ ପରମ୍ପରା ଯଦି କାହା ଦ୍ୱାରା ବେଶି ନଷ୍ଟ ହେଉଥାଏ, ତେବେ ସେମାନେ ହେଉଛନ୍ତି ଏହି ଶିକ୍ଷିତ ସମାଜ। ମୂର୍ଖ ବା ଅଳ୍ପ ପାଠୁଆଙ୍କୁ ଗୋଟିଏ କଥା ବୁଝାଇ କହିଲେ ସେ ବୁଝିବ ବା ପାଳନ କରିବ। କିନ୍ତୁ ଗୋଟିଏ ପାଠୁଆକୁ ନା। ସରକାରଙ୍କ ଲକ୍‌ଡାଉନ୍‌କୁ ମାନି ବୁଢ଼ା, ବୁଢ଼ୀ, ପିଲାଛୁଆ ସବୁ ଘରେ ରହୁଛନ୍ତି। କିନ୍ତୁ ଟୋକା ଟୋକାଳିଆ କିଛି ଶିକ୍ଷିତ ଅସଭ୍ୟ ବାପା-ମା’ଙ୍କ ଶତ ବାରଣ ସତ୍ତ୍ୱେ ବି ସେମାନଙ୍କୁ ମୁହଁ ଦେଖାଇ ଛକ, କ୍ଲବ ଘର, ନଈକୂଳ, ଆମ୍ବତୋଟା, ଗାଁ ମଣ୍ଡପରେ ମେଳାମେଳା ହୋଇ ବୁଲୁଛନ୍ତି। ପିସିଆର୍ ଭ୍ୟାନ୍ ଗାଁରେ ପଶିବା କ୍ଷଣି କିଏ କୁଆଡେ ଛତ୍ରଭଙ୍ଗ ଦେଉଛନ୍ତି। ପୋଲିସ ପଳାଇଲେ ପୁଣି ଏକାଠି।




ଘରେ ରହିବାକୁ ଆଦୌ ମନ କରୁନାହାନ୍ତି ଏହି ଉଦ୍‌ଭ୍ରାନ୍ତମାନେ। ଏମାନେ ବୁଝିପାରୁ ନାହାନ୍ତି ଯେ କରୋନା କବଳରୁ ବଞ୍ଚି ରହିବାର ବାଟ ଏବେ ମାତ୍ର ତିନୋଟି। ଘରେ ରହିବ, ନଚେତ ଡାକ୍ତରଖାନାର ଆଇସିୟୁରେ ରହିବ। ଯଦି ଏ ଦୁଇ ଜାଗାରେ ରହି ନ ପାରିଲ ଶେଷରେ ବାଧ୍ୟହୋଇ ଫଟୋ ଫ୍ରେମ୍‌ରେ ରହି ଦାଣ୍ଡଘର କାନ୍ଥରେ ଟଙ୍ଗା ହେବ।

କରୋନାରୁ ବଞ୍ଚିବା ତ ଘରେ ରହିବା। ଏ ଫର୍ମୁଲା ଏବେକାର ନୁହେଁ। ଏହା ରାମାୟଣ, ମହାଭାରତ ଯୁଗରୁ ଅଛି। ଏ ଫର୍ମୁଲାକୁ ମାନିଥିଲେ ସୀତା ଅପହରିତ ହୋଇ ନ ଥାନ୍ତେ। ବାଳି ଆଉ କୁମ୍ଭକର୍ଣ୍ଣ ମରି ନ ଥାନ୍ତେ। ମହାମାନି ଦୁର୍ଯ୍ୟୋଧନ ବି ନିହତ ହୋଇ ନ ଥାନ୍ତେ। ମା’ ସୀତା ପର୍ଣ୍ଣ କୁଟିରରେ ଥିଲେ। ମାରିଚ ରାକ୍ଷାସ ‘ତ୍ରାହି ମାମ୍ ଲକ୍ଷ୍ମଣ’ ଡାକଦେଲା। ସୀତା ବାଧ୍ୟ କରି ପାଖରେ ଥିବା ଲକ୍ଷ୍ମଣଙ୍କୁ ପ୍ରଭୁ ରାମ୍‌ଙ୍କ ଖୋଜ୍ ଖବର ଲଗାଇବା ପାଇଁ ପଠାଇଲେ। ଲକ୍ଷ୍ମଣ ଯିବା ପୂର୍ବରୁ କୁଟିର ସମ୍ମୁଖରେ ତିନି ଗାର କାଟିଦେଇ ବିନତି କରି କହିଲେ- ଭାଉଜ, ଘରୁ ବାହାରିବ ନାହିଁ। ଏ ଗାରକୁ ଡେଇଁବ ନାହିଁ। ସୀତା କି ମାନିଲେ ! ଧରିଲା ରାବଣ। ନେଇଗଲା ଲଙ୍କାକୁ। ତା’ ପରେ କେତେକେତେ କାଣ୍ଡ ଘଟିଲା। ଯୁଦ୍ଧ ହେଲା। କେତେ ସୈନ୍ୟ ମଲେ। ସୀତାଙ୍କୁ ଖୋଜିବା ପାଇଁ ରାମ ଏବଂ ଲକ୍ଷ୍ମଣଙ୍କୁ ବହୁ କଷ୍ଟ ଭୋଗିବାକୁ ପଡିଲା। ସୀତା ବି କିଛି କମ୍ ଦୁଃଖ ପାଇ ନ ଥିଲେ।

ଠିକ୍ ସେମିତି ବାଳିକୁ ଦ୍ୱିତୀୟ ଥର ପାଇଁ ସୁଗ୍ରୀବ ଆହ୍ୱାନ କଲା ଯୁଦ୍ଧକୁ। ବାଳି ସ୍ତ୍ରୀ ତାରା କେତେ ନେହୁରା ହୋଇ କହିଲା-ଘରେ ରହିଯାଅ ସ୍ୱାମୀ।



ଏଇକ୍ଷଣି ଗୁଡାଏ ମାଡ଼ ଖାଇ ଦରମରା ହୋଇ ଫେରିଛି ସୁଗ୍ରୀବ। ଏବେ ପୁଣି ଆସିଛି। ଏଥିରେ କିଛି ରହସ୍ୟ ରହିଛି ନିଶ୍ଚୟ। ତେଣୁ ତୁମେ ଯାଅନା ସ୍ୱାମୀ। ବାଳି କିନ୍ତୁ ଖାତିରି କଲାନି। ଘରେ ନ ରହି ପଳାଇ ଆସିଲା ମୈଦାନକୁ। ମହାପ୍ରତାପୀ ରାବଣର ଭାଇ କୁମ୍ଭକର୍ଣ୍ଣର କଥା ବି ସେୟା। ଘରେ ଶୋଇଥିଲା ତ ଠିକ୍ ଥିଲା। ଅସମୟରେ ରାବଣ ତାକୁ ଉଠାଇଲା। ଘରୁ ବାହାରିଲା କୁମ୍ଭକର୍ଣ୍ଣ। ଶେଷରେ ରାମଙ୍କ ବାଣରେ ନିଧନ ହେଲା।

ସେମିତି ମହାଭାରତର ମହାମାନି ଦୁର୍ଯ୍ୟୋଧନ। ଶେଷବେଳକୁ ଆଉ କିଛି ନ ଥିଲା ତା’ପାଖେ। ଭୀମ ଗଦା ନେଇ ଗୋଡାଇଲା ମାରିବାକୁ। ଭୟରେ ମାନଗୋବିନ୍ଦ ପୁଷ୍କରିଣୀ ଭିତରେ ମା’ ଲକ୍ଷ୍ମୀଙ୍କ ପଣତକାନି ତଳେ ଶରଣ ପଶିଲା। ଭୀମ କିନ୍ତୁ ନଛୋଡବନ୍ଦା। ଛାଡିଲେ ରଡ଼ି। ମାଇଚିଆ କୋଉଠି ଲୁଚିଛୁ ? । ଆ, ଯୁଦ୍ଧ କରିବୁ ଆ। ମା’ ଲକ୍ଷ୍ମୀ ଦୁର୍ଯ୍ୟୋଧନଙ୍କୁ କେତେ ବୁଝାଇଲେ ଘରେ ରହିବାକୁ। କିନ୍ତୁ ଫଳ କିଛି ହେଲାନି। ଲକ୍ଷ୍ମୀଙ୍କ ଘରୁ ଛାଟିପିଟି ହୋଇ ପଳାଇ ଆସିଲା ଦୁର୍ଯ୍ୟୋଧନ। ଶେଷ ପରିଣତି-ଭୀମର ଗଦା ମାଡ଼ରେ ଦୁର୍ଯ୍ୟୋଧନର ଜାନୁଭଙ୍ଗଜନିତ ମୃତ୍ୟୁ।

ଗୋଟିଏ କଥା ଲକ୍ଷ୍ୟକରନ୍ତୁ ପାଠକେ ! ବର୍ତ୍ତମାନ କରୋନାର ମୁଖ୍ୟ ଟାର୍ଗେଟ ହେଉଛି ମଣିଷ। ପାଗଳଙ୍କ ପରି ସେ କେବଳ ଖୋଜୁଛି ମଣିଷ ଶରୀରକୁ। ବର୍ତ୍ତମାନ ପ୍ରମାଣିତ ହୋଇ ଯାଇଛି ଯେ, ବିନା ମଣିଷରେ ପୃଥିବୀ ଠିକ୍‌ଠାକ ଚାଲିପାରିବ। ଏ ସୁନ୍ଦର ପୃଥିବୀକୁ ଯଦି ସବୁଠାରୁ ବେଶି କେହି ଖିନ୍‌ଭିନ୍ କରୁଥାଏ ତେବେ ସେ ହେଉଛି ଏଇ ମଣିଷ। ପଞ୍ଚଦଶ ଶତାବ୍ଦୀରୁ ଅଦ୍ୟାବଧି ବହୁ ମାରାତ୍ମକ ଭୂତାଣୁ ପୃଥିବୀକୁ ଆସିଛନ୍ତି। ବହୁ ମୁଣ୍ଡ ବି ଗଡ଼ିଛି। ବର୍ତ୍ତମାନର କରୋନା ସେମାନଙ୍କ ଆଗରେ କିଛି ନୁହେଁ। ଏହାର ଗୋଟିଏ ଗୁଣ ଅଛି- ବୈଶ୍ୱ ବ୍ୟାପକତା। ପୂର୍ବର ଭୂତାଣୁଗୁଡିକ ତାହା ହଇଜା, ପ୍ଲେଗ, ସ୍ୱାଇନ୍ ଫ୍ଲୁ ଯାହା ବି ହେଉ, ସେଗୁଡିକ ପୃଥିବୀର ଏକ ନିର୍ଦ୍ଦିଷ୍ଟ ଇଲାକାରେ ସୀମାବଦ୍ଧ ଥିଲା। କିନ୍ତୁ କରୋନା ଏବେ ପୃଥିବୀର ୨୦୦ ଦେଶରେ ପରିବ୍ୟାପ୍ତ। ଏହାର ନାମକରଣକୁ ଟିକେ ଦେଖନ୍ତୁ ପାଠକେ। ମଣିଷର ଭ୍ରଷ୍ଟ ପ୍ରକୃତି ସହ ନାମର କି ଅଦ୍ଭୁତ ସାମଞ୍ଜସ୍ୟ ଅଛି। କରୋନା- ‘କରୋ’ ପରେ ଟିକିଏ ଶୂନ୍ୟସ୍ଥାନ ଦେଇ ପଢ଼ିଲେ ହେବ- କରୋ ନା। ଏହାର ଓଡ଼ିଆ ଅର୍ଥ ହେଉଛି ‘କର ନାହିଁ’। ଇଂଲିଶରେ-ଡୋଣ୍ଟ ଡୁ। କରୋନା ପ୍ରତିକ୍ଷଣରେ ଅହଂକାରୀ ମନୁଷ୍ୟକୁ ଚେତାଇ ଦେଇ କହୁଛି ହେ ମଣିଷ ! ଆଉ କର ନାହିଁ। ଯେତିକି କଲଣି ଢେର କରିସାରିଲଣି। ଅନ୍ୟାୟ ଅତ୍ୟାଚାର କର ନା। ଦୁର୍ନୀତି କର ନା। ଚୋରି ନାରୀ କର ନା। ଅନ୍ୟକୁ ଦୁଃଖ ଦିଅ ନା। ଦୁର୍ବଳ ଉପରେ ହୁକୁମାତି ଦେଖାଅ ନା। ଦାମ୍ଭିକ ହୁଅ ନା। ହିଂସା, ଦ୍ୱେଷ, ଅଧର୍ମ, ଅପକାର, ପ୍ରିୟାପ୍ରୀତି, କୁତ୍ସାରଟନା, କପଟ, କୁକର୍ମ, କୁମତି, କୁମନ୍ତ୍ରଣା- ଏ ସବୁ କର ନାହିଁ। ଯଦି ଏପରି ନ କରୁଛ, ତେବେ କରୋନାକୁ ଆଉ ଡର ନା।

ପ୍ରତି ମୁହୂର୍ତ୍ତରେ ଅନ୍ୟାୟ, ଅତ୍ୟାଚାର, ଟାଉଟରି ତଥା ଠକାମିର ଶିକାର ହୋଇଥିବା ବ୍ୟକ୍ତିଙ୍କ ଅଭିଶାପରେ ପ୍ରତିନିୟତ ଅଭିଶପ୍ତ ହୋଇ ଉଠୁଛି ଏଇ ପୃଥିବୀ। ମଣିଷର ପ୍ରକୃତି ବିଧ୍ୱଂସୀ ଏବଂ ନିଜ ପ୍ରକୃତିଛଡା ନୀତି ବିରୋଧରେ ଅଦୃଶ୍ୟ ଶକ୍ତି କରୋନାର ଏ ହେଉଛି ତୀବ୍ର ପ୍ରତିଶୋଧ। ଦାମ୍ଭିକ, ନାସ୍ତିକ, କୁଟୀଳ, କପଟିମାନଙ୍କ ପାଇଁ ଏହା ହେଉଛି ଭଗବତ ଦଣ୍ଡ ସ୍ୱରୂପ। ଦେଖୁନାହାନ୍ତି ଛୋଟ ଛୋଟ ଦେଶମାନଙ୍କୁ ଛାଡି ଏ ଭୂତାଣୁ କେମିତି ଅହଂକାରର ସୌଦାଗର ସାଜିଥିବା ଦେଶ ଚାଇନା ଏବଂ ଆମେରିକାର ତଣ୍ଟିକୁ ଧରିଛି। ଏହା ଈଶ୍ୱରଙ୍କ କଳିକଲୁଷ ସଂହାରଣ ଇଚ୍ଛା ନୁହେଁ ତ ଆଉ କ’ଣ ? ମାଳିକାରେ ଲେଖାଅଛି କଳି ଯୁଗରେ ଈଶ୍ୱର କଳ୍କୀ ରୂପ ଧରି ଧର୍ମ ସଂସ୍ଥାପନ କରିବେ। ସନ୍ନ୍ୟାସୀ ଭାବୁଛି କଳ୍କୀ ବୋଧେ ଏହି କରୋନା। ଏହି କରୋନା ଯୋଗୁଁ ବର୍ତ୍ତମାନ ସମଗ୍ର ବିଶ୍ୱରେ ସାମୟିକ ଭାବେ ଧର୍ମ, ଈଶ୍ୱର ବା ଅଲୌକିକ ଶକ୍ତି ପ୍ରତି ମନୁଷ୍ୟ ସମର୍ପିତ ହୋଇଛି। କଳି ପରେ ସତ୍ୟ ଯୁଗ ଆସିବାର ଯେଉଁ କଥା ଶାସ୍ତ୍ର ପୁରାଣରେ ଲେଖାହୋଇଛି ସେ ସମୟ ଏବେ ଆସିଚି କି ନାହିଁ, ତାହା ଅଲଗା କଥା। କିନ୍ତୁ ସତ୍ୟ ଯୁଗର ଝଲକମାନ ଏବେ ସର୍ବତ୍ର ପରିଦୃଶ୍ୟମାନ।

ଟିକେ ବିଚାର କରନ୍ତୁ ପାଠକେ, ଯେତିକି ଦିନ ଲକ୍‌ଡାଉନ୍ ହେଲାଣି ସେତିକି ଦିନ ଭିତରେ ଚୋରି, ବଳାତ୍କାର, ହତ୍ୟା, ଡକାୟତି ଆଦି କମିଛି କି ନାହିଁ। ନିଜ ଘର ପାଖ ପଡୋଶୀକୁ ଚିହ୍ନୁ ନ ଥିବା ମଣିଷ ଏବେ ସେମାନଙ୍କୁ ଚିହ୍ନିବା ପାଇଁ ଆଗ୍ରହ ପ୍ରକାଶ କରୁଛି। ମଣିଷ ମଣିଷକୁ ଭଲ ପାଉଛି। କରୋନା ଭୟରେ ଘରେ ଘରେ ଏବେ ଭଜନ କୀର୍ତ୍ତନ, ଘଣ୍ଟ ଘଣ୍ଟା ଏବଂ ଶଙ୍ଖ ଶବ୍ଦର ମଧୁର ଧ୍ୱନି। ଘରେ ଚାକର ବାକର ନାହାନ୍ତି। ନିଜ କାମ ନିଜେ ସମସ୍ତେ କରୁଛନ୍ତି। ସବୁ ପିଲାମାନେ ନିଜ ନିଜ ଘରେ ବାପ ମା’ଙ୍କ ସହ ରହୁଛନ୍ତି। ସଭିଏଁ ଏବେ ଭାତ ଡାଲିରେ ସନ୍ତୁଷ୍ଟ। ଆମେରିକା ପରି ଦେଶ ଯେତେବେଳେ କ୍ଲୋରୋକୁଇନ୍ ବଟିକା ପାଇଁ ଭାରତ ଆଗରେ ମୁଣ୍ଡ ନୁଆଇଁ ହାତଯୋଡି ଅନୁରୋଧ କରୁଛି ସେତେବେଳେ ମୁଁ ଧନୀ, ମୁଁ ଶକ୍ତିମାନ- ଏ ଅହଂକାର ନା କୋଉ ଦେଶର ଅଛି ନା କୋଉ ବ୍ୟକ୍ତିର ଅଛି। ବର୍ତ୍ତମାନ ଧନୀ, ଗରିବ ସମସ୍ତେ ସମାନ। ନିରାଡମ୍ବର ସମସ୍ତଙ୍କ ଜୀବନ। ବ୍ରତ ଉପବାସ ସହ ସଭିଏ ରାମାୟଣ ଦେଖୁଛନ୍ତି। ଏବେ ନା ସୁନା ରୁପାର ମୋହ, ନା ନୂଆ ଡ୍ରେସ୍ ପିନ୍ଧିବାର ଆଗ୍ରହ, ନା ଧନ ସଞ୍ଚୟର ଲୋଭ ନା ଦେଖେଇ ହେବାର ଆତ୍ମ ବଡିମା। ପ୍ରଦୂଷଣମୁକ୍ତ ପରିବେଶରେ ଏବେ ପଶୁପକ୍ଷୀ ବେଶ୍ ସ୍ୱଚ୍ଛନ୍ଦରେ ପରିଭ୍ରମଣ କରୁଛନ୍ତି। ଏଗୁଡିକ ସତ୍ୟ ଯୁଗର ଲକ୍ଷଣ ନୁହେଁ ତ ଆଉ କ’ଣ ? ସର୍ବଶକ୍ତିମାନ ଈଶ୍ୱର ଚେତାଇ ଦେଇ କହୁଛନ୍ତି-ହେ ମଣିଷ ! ଏବେ ଯଦି ଭଲ ବାଟକୁ ଆସିବୁ, ଏମିତିଆ ଏକ ପରିବେଶ ବା ସତ୍ୟ ଯୁଗ ଆଗକୁ ଆସୁଛି। ଆଉ ଯଦି ଏଥିରୁ କିଛି ଶିକ୍ଷାଲାଭ ନ କରୁ ତେବେ ଅପେକ୍ଷା କର, ଏ କରୋନା ବି କିଛି ନୁହଁ, ଏ ହେଉଛି ‘ମଣିଷ ମର୍ଦ୍ଦନ’ ଫିଲ୍ମର ସାମାନ୍ୟମାତ୍ର ଟ୍ରେଲର। ଆଗକୁ କରୋନାର ବାପା ଆସୁଛି !!

*-ଦିବ୍ୟାଲୋକ ସନ୍ଧାନେ,*
*ତେଲେଙ୍ଗାପେଣ୍ଠ, କଟକ*

## ସବୁଠୁ କମ୍ ଓଜନର ଶିଶୁ

ଗୋଟିଏ ଶିଶୁର ଓଜନ ମାତ୍ର ୩୭୫ ଗ୍ରାମ୍ ଏବଂ ତା’ର ଲମ୍ୱ ମାତ୍ର ୨୦ ସେଣ୍ଟିମିଟର। ଏହା ନିଶ୍ଚୟ ବିସ୍ମୟ ମନେହେଉଥିବ। ମାତ୍ର ଏହା ହିଁ ସତ୍ୟ। ଏମିତି ଏକ ଶିଶୁ ଏକଦା ଜନ୍ମ ହୋଇଥିଲା ଆମ ଭାରତରେ। ଏହି ଶିଶୁଟି ଜୀବୀତ ଥିବା ଦେଖି ଡାକ୍ତରମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏହି ଶିଶୁକୁ ସବୁଠୁ କମ୍ ଓଜନର ଶିଶୁ ଭାବରେ ରେକର୍ଡ଼ କରାଯାଇଥିଲା।






ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।

# ହାଃ ହାଃ

## ମୌନବ୍ରତ

ଜଣେ ମହିଳା ଜ୍ୟୋତିଷଙ୍କୁ ପଚାରିଲେ:
ମହିଳା : ପଣ୍ଡିତଜୀ, ମୋ ସ୍ୱାମୀ ସବୁବେଳେ ମୋ ଉପରେ ରାଗୁଛନ୍ତି । ମୁଁ କି ବ୍ରତକଲେ ସେ ଶାନ୍ତ ହେବେ କୁହନ୍ତୁ ?
ଜ୍ୟୋତିଷ : ମୌନବ୍ରତ ରଖ । ସବୁ ଠିକ୍ ହେଇଯିବ ।

## ଚରିତ୍ର ପ୍ରମାଣପତ୍ର

ଜଣେ ଯୁବକ ଇଣ୍ଟରଭିୟୁ ଦେବାକୁ ଗଲେ...
ପ୍ରଶ୍ନକର୍ତ୍ତା : ତୁମ ଚରିତ୍ର ପ୍ରମାଣପତ୍ର ଆଣିଛ ?
ଯୁବକ : ସେଇଟା ଆଣିବାକୁ ଭୁଲିଯାଇଛି ସାର !
ପ୍ରଶ୍ନକର୍ତ୍ତା : କିଛି ଅସୁବିଧା ନାହିଁ । ତୁମ ମୋବାଇଲ୍ ଦିଅ । ମୁଁ ଗ୍ୟାଲେରି ଖୋଲି ତୁମ ଚରିତ୍ର ପ୍ରମାଣ ପାଇଯିବି ।

## ବହୁମତ

ମିଠା ବାଣ୍ଟୁଥିବା ନେତାକୁ ଜଣେ ଶିକ୍ଷକ ପଚାରିଲେ...
ଶିକ୍ଷକ : ନେତାଜୀ, ଆପଣଙ୍କ ପୁଅ ଫେଲ ହୋଇଛି । ତଥାପି ଆପଣ ମିଠା ବାଣ୍ଟୁଛନ୍ତି ।
ନେତାଜୀ : (ହସିହସି) ଆରେ ଭାଇ, କ୍ଲାସ୍‌ରେ ୮୦ରୁ ୬୦ ଜଣ ଫେଲ୍ । ମୋ ପୁଅ ତ ବହୁମତ ପାଇଛି ।

## ପ୍ରେମିକଙ୍କୁ ଭିକାରି କରିଦେବ ଏଇ ଗୋଲାପ

ପ୍ରେମର ପ୍ରତୀକ ଗୋଲାପ। ନିଜ ମନର ଭାବକୁ ପ୍ରକାଶ କରିବା ପାଇଁ ସବୁ ପ୍ରେମିକା ପ୍ରେମିକ ଏହାକୁ ଆପଣେଇ ଥାଆନ୍ତି। ହେଲେ ଆମେ ଏଠି ଯେଉଁ ଗୋଲାପ କଥା କହୁଛୁ ଯଦି ସେହି ଗୋଲାପ ପାଇଁ ପ୍ରେମିକା ଦାବି କରନ୍ତି ତେବେ ପ୍ରେମିକ ଦେବାଳିଆ ହୋଇଯିବେ। ଏମିତି କି ଧନିକ ବ୍ୟକ୍ତି ବି ଏହାକୁ ଦେବା ପୂର୍ବରୁ ଭାବିବାକୁ ବାଧ୍ୟ ହେବେ। କାରଣ ଏହା ହେଉଛି ପୃଥିବୀର ସବୁଠାରୁ ଦାମୀ ଗୋଲାପ। ଏହି ଗୋଲାପକୁ ପ୍ରସିଦ୍ଧ ଫ୍ଲୋରିଷ୍ଟ ଡେଭିଡ ଅଷ୍ଟିନ୍ ଅନେକ ଗୋଲାପର ମିଶ୍ରଣରେ ତିଆରି କରିଛନ୍ତି। ଏଥିପାଇଁ ତାଙ୍କୁ ୧୫ବର୍ଷ ସମୟ ଲାଗିଥିଲା। ଏହାର ନାମ ଜୁଲିୟଟ୍ ରୋଜ୍ ଓ ମୂଲ୍ୟ ପ୍ରାୟ ୫ମିଲିୟନ ଡଲାର।



## ନିଦରେ କରନ୍ତି ପେଣ୍ଟିଂ







ପୃଥିବୀରେ ଭରି ରହିଛି ଅନେକ ବିସ୍ମୟ। ଅନେକ ବିସ୍ମୟ ମଣିଷ ବି ଅଛନ୍ତି। ସେମିତି ଜଣେ ବ୍ୟକ୍ତି ହେଉଛନ୍ତି ବ୍ରିଟେନରେ ରହୁଥିବା ଲି’ ହେଡବିନ୍। ସେ ଏମିତି ଜଣେ ବ୍ୟକ୍ତି ଯେ କି ଗଭୀର ନିଦ୍ରାରେ ପାଲଟି ଯାଆନ୍ତି ଚମତ୍କାର ପେଣ୍ଟର। ମାତ୍ର ୪ ବର୍ଷ ବୟସର ହୋଇଥିବା ବେଳୁ ସେ ଏହିଭଳି ପେଣ୍ଟିଂ କରୁଛନ୍ତି। ପ୍ରଥମେ ତ ସେ ନିଦରେ ନିଜ ଘରର କାନ୍ଥକୁ ରଙ୍ଗ କରି ଦେଉଥିଲେ। ବୟସ ବଢ଼ିବା ସହ ସେ ନିଦ୍ରାରେ ଥାଇ ସୁନ୍ଦର ପେଣ୍ଟିଂ କରିବାରେ ସିଦ୍ଧହସ୍ତ ହୋଇଗଲେ। ୧୫ ବର୍ଷ ବୟସରେ ସେ ହଲିଉଡ ଅଭିନେତ୍ରୀ ମର୍ଲିନ ମୋନରୋଙ୍କ ପୋର୍ଟ୍ରେଟ୍ ନିଦ୍ରାବସ୍ଥାରେ କରିଥିଲେ। ତେବେ ସେ ଉଠିବା ପରେ ପେଣ୍ଟିଂ କରିଥିବା କଥା ଭୁଲି ଯାଆନ୍ତି। ହେଡବିନଙ୍କ ଏହି ଅବସ୍ଥା ଉପରେ କାର୍ଡିଫ୍ ବିଶ୍ୱବିଦ୍ୟାଳୟର ପେନି ଲୁଇସ୍ ଗବେଷଣା କରିଥିଲେ। ତାଙ୍କ ମତରେ ଏହା ସେତେବେଳେ ସମ୍ଭବ ଯେତେବେଳେ ବ୍ୟକ୍ତିଙ୍କ ମସ୍ତିଷ୍କ ଅର୍ଦ୍ଧ ସୁପ୍ତ ତଥା ଜାଗ୍ରତ ଅବସ୍ଥାରେ ଥାଏ। ଠିକ୍ ଯେମିତି ସମସ୍ତେ ନିଦରେ ଥାଇ କଡ ଲେଉଟାନ୍ତି, ବିଲି ବିଲେଇ ଥାଆନ୍ତି। ତେଣୁ ଏହା ଏକ ସାମାନ୍ୟ ପ୍ରକ୍ରିୟା। ହେଡବିନ୍ଙ୍କ କ୍ଷେତ୍ରରେ ସେମିତି କିଛି ହୋଇଛି।

ବ୍ୟାକ୍ ପେଜ୍

## ସହର ପାଲଟିଗଲା ପଥର

ଇଟାଲୀରେ ଏମିତି ଏକ ପ୍ରାଚୀନ ସହର ଅଛି, ଯେଉଁଠି ବହୁବର୍ଷ ପୂର୍ବେ ମଣିଷଠୁ ଆରମ୍ଭ କରି ପ୍ରାଣୀ ସମସ୍ତେ ପଥର ପାଲଟି ଯାଇଥିଲେ। ସେ ସହରଟି ହେଉଛି ପୋମ୍ପେଇ। ଖ୍ରୀଷ୍ଟପୂର୍ବ ୩ୟ ପୂର୍ବରୁ ଏହି ସହର ବି ସାଧାରଣ ସହର ଭଳି ଥିଲା। ହେଲେ ପରେ ସେଠାରେ ଏମିତି କିଛି ଘଟିଥିଲା ଯେ, ସାରା ସହର ପଥର ପାଲଟି ଗଲା। ମଣିଷ, ପ୍ରାଣୀ ସମସ୍ତେ ପଥରର ମୂର୍ତ୍ତି ହୋଇ ରହିଗଲେ। ଖ୍ରୀଷ୍ଟାବ୍ଦ ୭୯ରେ ପୋମ୍ପେଇ ନିକଟସ୍ଥ ନୈପଲ୍ସ ପର୍ବତ ମାଳାରେ ଥିବା ମାଉଣ୍ଟ ବସୁବିୟସ୍ ରେ ସୁପ୍ତ ଥିବା ଜ୍ୱାଳାମୁଖୀ ବିସ୍ଫୋରିତ ହେଲା। ସାରା ସହରରେ ଉତ୍ତପ୍ତ ତରଳ ଲାଭା ପ୍ରବାହିତ ହେଲା। ଆଉ ଯିଏ ଯେଉଁ ଅବସ୍ଥାରେ ଥିଲେ ତାଙ୍କ ଉପରେ ଲାଭା ପ୍ରବାହିତ ହୋଇଗଲା। ସମସ୍ତେ ମୃତ୍ୟୁବରଣ କଲେ। କିଛି ଦିନ ପରେ ସବୁ ମୃତ ଶରୀର ପଥରର ମୂର୍ତ୍ତି ପାଲଟି ଯାଇଥିଲା। ସୂଚନାଯୋଗ୍ୟ ଯେ, ଏହି ସହରରେ ୧୧୦୦୦–୧୫୦୦୦ ଲୋକ ବସବାସ କରୁଥିଲେ।





